# NATIONAL NEWS BULLETIN (ODIA)
## 19 January - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପହଁଞ୍ଚିଲେ ସଂଯୁକ୍ତ ଆରବ ଏମିରେଟ୍ସ ରାଷ୍ଟ୍ରପତି

– ପ୍ରଧାନମନ୍ତ୍ରୀଙ୍କ ସହ ରଣନୈତିକ ସହଭାଗିତା ବୃଦ୍ଧି ନେଇ ହେବ ଆଲୋଚନା

- ଭାରତର ଅର୍ଥନୈତିକ ଅଭିବୃଦ୍ଧି ୭ ଦଶମିକ ୩ ପ୍ରତିଶତ ବୃଦ୍ଧି ନେଇ ଆଇ.ଏମ୍.ଏଫ୍.ର ଆକଳନ

- ଭାରତୀୟ ଜନତା ପାର୍ଟିର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ ନୀତିନ ନବୀନ

- ଦକ୍ଷିଣ ଆଫ୍ରିକାର ଗୁଟେନ୍ ପ୍ରଦେଶରେ ସଡ଼କ ଦୁର୍ଘଟଣାରେ ୧୨ ଜଣ ଶିଶୁଙ୍କ ମୃତ୍ୟୁ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଜାଏଣ୍ଟ୍ସ ମଧ୍ୟରେ ହେବ ମୁକାବିଲା

## ୟୁଏଇ-ପ୍ରେଜ୍ ଇଣ୍ଡିଆ

ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ ଆସି ପହଁଞ୍ଚିଛନ୍ତି। ୟୁଏଇ'ର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ଏହା ତାଙ୍କର ତୃତୀୟ ସରକାରୀ ଗସ୍ତ  ଗତ ଦଶନ୍ଧି ମଧ୍ୟରେ ଭାରତକୁ ଏହା ତାଙ୍କର ପଞ୍ଚମ ଗସ୍ତ। ବିମାନ ବନ୍ଦରରେ ପହଁଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସଂଯୁକ୍ତ ଆରବ ଏମିରେଟ୍ସ ରାଷ୍ଟ୍ରପତି' ଶ୍ରୀ ମୋଦୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ଭାରତ–ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ବ୍ୟାପକ ରଣନୈତିକ ସହଭାଗିତାକୁ ବୃଦ୍ଧି କରିବା ସହିତ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଭାରତ–ସଂଯୁକ୍ତ ଆରବ ଏମିରେଟ୍ସ ବ୍ୟାପକ ରଣନୈତିକ ସହଭାଗିତା ପାଇଁ ନୂତନ ଦିଗଦର୍ଶନ ପ୍ରଦାନ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି କୁହାଯାଇଛି।

## ଆଇଏମ୍ଏଫ୍– ଇଣ୍ଡିଆ ଗ୍ରୋଥ

ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି–ଆଇ.ଏମ୍.ଏଫ୍. ପକ୍ଷରୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୨୦୨୫ ମସିହା ପାଇଁ ୭ ଦଶମିକ ୩ ପ୍ରତିଶତକୁ ବୃଦ୍ଧି ନେଇ ଆକଳନ କରିଛି। ଓ୍ୱାର୍ଲଡ ଇକୋନୋମିକ ଆଉଟ୍ଲୁକ୍'ର ସଦ୍ୟତମ ରିପୋର୍ଟରେ ଆଇ.ଏମ୍.ଏଫ୍. କହିଛି, ଚଳିତ ଆର୍ଥିକ ବର୍ଷର

ଚତୁର୍ଥ ତ୍ରୈମାସିକରେ ଅର୍ଥନୈତିକ ଅଭିବୃଦ୍ଧି ଊର୍ଦ୍ଧ୍ୱଗାମୀ ହୋଇଛି। ଇତିମଧ୍ୟରେ ୨୦୨୬-୨୭ ଆସନ୍ତା ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧି ୬ ଦଶମିକ ୪ ପ୍ରତିଶତ ହେବା ନେଇ ଆକଳନ କରିଛି। ଦେଶରେ ବଜାର ସୁବିଧା ଏବଂ ବିକଶିତ ଅର୍ଥନୈତିକ ପରିସ୍ଥିତି ଯୋଗୁଁ ଭାରତ ଅର୍ଥନୀତି ଅଭିବୃଦ୍ଧିର ମୁଖ୍ୟ ସଂଚାଳକ ହୋଇପାରିଛି। ରିପୋର୍ଟରେ ଆହୁରି କୁହାଯାଇଛି, ୨୦୨୬ ମସିହାରେ ବିଶ୍ୱସ୍ତରୀୟ ଅଭିବୃଦ୍ଧି ୩ ଦଶମିକ ୩ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ବାଣିଜ୍ୟ କାରବାର, ଅର୍ଥନୈତିକ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତା ବିଶେଷ କରି ପ୍ରଯୁକ୍ତିବିଦ୍ୟା, ପୁଞ୍ଜିବିନିଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଆଇ.ଏମ୍.ଏଫ୍. ପକ୍ଷରୁ କୁହାଯାଇଛି, ଭାରତରେ ମୁଦ୍ରାସ୍ଫୀତି ହାର ନିର୍ଦ୍ଧାରିତ ସ୍ତରକୁ ଫେରିବାର ଆକଳନ କରାଯାଇଛି। ଖାଦ୍ୟ ସାମଗ୍ରୀର ଦର ଏବଂ ଘରୋଇ ଚାହିଦାକୁ ଅତିରିକ୍ତ ସହାୟତା ପ୍ରଦାନ ସତ୍ତ୍ୱେ ଏହି ସ୍ତର ବଜାୟ ରହିବା ନେଇ ପୂର୍ବାନୁମାନ କରାଯାଇଛି।

# ରିପବ୍ଲିକ ଡେ– ସ୍ପେଶିଆଲ ଗେଷ୍ଟ

ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଆସନ୍ତା ୭୭ ତମ ଗଣତନ୍ତ୍ର ଦିବସ ପ୍ୟାରେଡ୍ ଦେଖିବା ନିମନ୍ତେ ପ୍ରାୟ ୧୦ ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆୟ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଥିବା ବ୍ୟକ୍ତି, ଶ୍ରେଷ୍ଠ ଉଦ୍ଭାବକ, ଷ୍ଟାର୍ଟଅପ୍, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସରକାରଙ୍କ

ଅଧୀନରେ ଶ୍ରେଷ୍ଠ ଦକ୍ଷ କର୍ମକର୍ତ୍ତା ଏହି ଅତିଥିମାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି।

ମନ୍ତ୍ରଣାଳୟ କହିଛି, ରାଷ୍ଟ୍ର ନିର୍ମାଣ ଦିଗରେ ସେମାନଙ୍କର ଅବଦାନକୁ ସ୍ମରଣ କରିବା ଏବଂ ଜାତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜନ ଭାଗିଦାରୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଛି। ସ୍ୱତନ୍ତ୍ର ଅତିଥିମାନଙ୍କ ମଧ୍ୟରେ ବିଶ୍ୱ ଆଥଲେଟିକ୍ ପାରା ଚାମ୍ପିଅନସିପ୍‌ର ବିଜେତା, ପି. ଏମ୍. ସ୍ମାଇଲ୍ ଯୋଜନା ଅଧୀନରେ ପୁର୍ନଥଇଥାନ କରାଯାଇଥିବା ତୃତୀୟଲିଙ୍ଗୀ, ଭିକ୍ଷୁକ, ପ୍ରାକୃତିକ କୃଷିରେ ସାମିଲ ଥିବା କୃଷକ ଅଛନ୍ତି।

## ଜୟଶଙ୍କର-ପୋଲାଣ୍ଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ପୋଲାଣ୍ଡର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ରାଡୋସ୍ଲ ସିକୋରସ୍କିଙ୍କ ସହ ହୋଇଥିବା ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କ ଏବଂ ବିଶ୍ୱସ୍ତରୀୟ ବିକାଶ କ୍ଷେତ୍ରରେ ମତବିନିମୟର ସୁଯୋଗ ସୃଷ୍ଟି କରିଥିଲା। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ଖଣି ଏବଂ ବହୁମୁଖୀ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ଜୟଶଙ୍କର ଭାରତ–ୟୁରୋପୀୟ ସଂଘ ମଧ୍ୟରେ ଦୃଢ଼ ସମ୍ପର୍କକୁ ପୋଲାଣ୍ଡ ସମର୍ଥନ ଜଣାଇଥିବାରୁ ତାହାର ପ୍ରଶଂସା କରିଥିଲେ।

# ବିଜେପି- ପ୍ରେସିଡେଣ୍ଟ ଇଲେକସନ୍

ବିଜେପିର କାର୍ଯ୍ୟକାରୀ ସଭାପତି ନୀତିନ ନବୀନ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ। ଦଳର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ ଡକ୍ଟର କେ.ଲକ୍ଷ୍ମଣ ଘୋଷଣା କରି କହିଛନ୍ତି, କେବଳ ନୀତିନ ନବୀନଙ୍କ ନାମ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଆସନ୍ତାକାଲି ଔପଚାରିକ ଭାବେ ନୂତନ ଜାତୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରାଯିବ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ନୀତିନ ଗଡ଼କରୀ ଏବଂ ବିଜେପି ସଂସଦୀୟ ବୋର୍ଡର ଅନ୍ୟାନ୍ୟ ସଦସ୍ୟମାନେ ରାଷ୍ଟ୍ରୀୟ ଅଧ୍ୟକ୍ଷ ପାଇଁ ନୀତିନ ନବୀନଙ୍କ ନାମ ପ୍ରସ୍ତାବ ଦେଇଥିଲେ। ନାମାଙ୍କନପତ୍ର ଯାଞ୍ଚ ଶେଷ ହେବା ପରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଚାଲିଥିଲା। ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର ପ୍ରକ୍ରିୟା ଜାରି ରହିଥିଲା। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନି, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଦଳର ଜାତୀୟ ପରିଷଦ ଏବଂ ରାଜ୍ୟ ପରିଷଦର ପ୍ରତିନିଧିମାନଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ

ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଛନ୍ତି । ଶ୍ରୀ ନଡ୍ଡାଙ୍କୁ ଜୁନ୍ ୨୦୧୯ରେ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଥିବା ବେଳେ ପରେ ଜାନୁଆରୀ ୨୦୨୦ରେ ସେ ତତ୍କାଳୀନ ସଭାପତି ଅମିତ ଶାହାଙ୍କ ପରେ ନିର୍ଦ୍ୱନ୍ଦ୍ୱରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ ।

## ଗୁଜୁରାଟ-ଅଠାୱାଲେ

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱରେ ଚତୁର୍ଥ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ରରୂପେ ଉଭା ହୋଇଛି । ଅହମ୍ମଦାବାଦଠାରେ  ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ  ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଅଠାୱାଲେ ବିଭିନ୍ନ କେନ୍ଦ୍ରୀୟ ଜନମଙ୍ଗଳକାରୀ ଯୋଜନାର ଉନ୍ନତିର ସମୀକ୍ଷା କରିଥିଲେ । ଦେଶର ନିର୍ମାଣ କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇ ଗୁଜୁରାଟ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ' ଶିକ୍ଷା କ୍ଷେତ୍ରରେ ଆର୍ଥିକ ସହାୟତାର ଉପଯୁକ୍ତ କାର୍ଯ୍ୟାନ୍ୱୟନ, ସାମାଜିକ ସୁରକ୍ଷା ପଦକ୍ଷେପ, ଭିନ୍ନ ଜାତି ମଧ୍ୟରେ ବିବାହ ପଦକ୍ଷେପ ଏବଂ ଦିବ୍ୟାଙ୍ଗମାନଙ୍କ

ପାଇଁ ଜନକଲ୍ୟାଣ ଯୋଜନା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ବ୍ରିଟିଶ ପିଏମ୍-ଟ୍ରମ୍ପ

ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର୍ କହିଛନ୍ତି, ୮ଟି ୟୁରୋପୀୟ ରାଷ୍ଟ୍ରରୁ ଆସୁଥିବା ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି ଘୋଷଣା ଏବଂ ଗ୍ରୀନ୍‌ଲାଣ୍ଡ ବିପକ୍ଷରେ ଶୁଳ୍କ ବୃଦ୍ଧି ସମ୍ପୂର୍ଣ୍ଣ ଭୁଲ୍ ଓ ଦେଶ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ କାହା ପାଇଁ ସ୍ୱାର୍ଥ ସହାୟକ ହେବ ନାହିଁ। ଲଣ୍ଡନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଷ୍ଟାରମର୍ କହିଛନ୍ତି, ଗ୍ରୀନଲାଣ୍ଡ ଏବଂ ଡେନ୍‌ମାର୍କର ମୌଳିକ ଅଧିକାରକୁ ବ୍ରିଟେନ୍ ସମର୍ଥନ କରେ। ସେ କହିଛନ୍ତି, ବ୍ରିଟେନ୍ ୟୁରୋପର ସହଯୋଗୀ ରାଷ୍ଟ୍ର, ନାଟୋ ସହିତ କାର୍ଯ୍ୟ କରିବ। ଶୁଳ୍କବୃଦ୍ଧି ପ୍ରସଙ୍ଗରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ମୁକ୍ତ କଥାବାର୍ତ୍ତା କରିବା ପାଇଁ ପ୍ରଚେଷ୍ଟା କରିବ। ଗତ ଶନିବାର ଦିନ ଶ୍ରୀ ଟ୍ରମ୍ପ ଡେନ୍‌ମାର୍କ, ନରୱେ, ସ୍ୱିଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ୍, ନେଦରଲାଣ୍ଡ୍ ଏବଂ ଫିନଲାଣ୍ଡରୁ ଆସୁଥିବା ସାମଗ୍ରୀ ଗୁଡ଼ିକ ଉପରେ ଆସନ୍ତା ମାସ ପହିଲାରୁ ୧୦ ପ୍ରତିଶତ ଶୁଳ୍କ ବୃଦ୍ଧି କରିବା ନେଇ ଘୋଷଣା କରିଥିଲା। ଗ୍ରୀନ୍‌ଲାଣ୍ଡରେ ୟୁରୋପୀୟ ରାଷ୍ଟ୍ର ପକ୍ଷରୁ ସେନା ମୁତୟନ ଉପରେ ଆମେରିକା ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

## ସାଉଥ୍ ଆଫ୍ରିକା ଆକ୍ସିଡେଣ୍ଟ

ଦକ୍ଷିଣ ଆଫ୍ରିକାର ଗୁଟେନ୍ ପ୍ରଦେଶରେ ଆଜି ଏକ ସ୍କୁଲ ମିନି ବସ୍ ଓ ଟ୍ରକ ମଧ୍ୟରେ ଧକ୍କା ହେବା ଫଳରେ ୧୨ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି। ଟ୍ରାଫିକ ପୁଲିସର ମୁଖପାତ୍ର କହିଛନ୍ତି, ଘଟଣାସ୍ଥଳରେ ୧୧ ଜଣ ସ୍କୁଲ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ସମ୍ମୁଖ ଭାଗରେ ଏକ ଗାଡ଼ିକୁ ଅତିକ୍ରମ କରିବା ମିନି ବସ୍‌ଟି ଟ୍ରକ୍ ସହ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସାମାଜିକ ସୁରକ୍ଷା ଦିଗରେ କର୍ମଚାରୀ ପଞ୍ଜୀକରଣ ଯୋଜନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କେନ୍ଦ୍ରୀୟ ପ୍ରୋଭିଡେଣ୍ଟ୍ ଫଣ୍ଡ କମିଶନର ରମେଶ କୃଷ୍ଣମୂର୍ତ୍ତି ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୭୧୭୧୧୭, ୨୩୩୧୪୪୪୪, ୨୩୩୧୦୪୮୧ ଏବଂ ୨୩୭୧୭୧୦୬ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ। ଏହା ବ୍ୟତୀତ ଆମର

ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଡବ୍ଲ୍ୟୁପିଏଲ୍-କ୍ରିକେଟ

ଗୁଜୁରାଟର ଭଦୋଦରାଠାରେ ମହିଳା ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍‌ରେ ଆଜି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଜାଏଣ୍ଟ୍‌ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଆଉ କିଛି ସମୟପରେ ଆରମ୍ଭ ହେବ । ମହିଳା ପ୍ରିମିୟର ଲିଗ୍-୨୦୨୬ ମ୍ୟାଚ୍ ନଭି ମୁମ୍ବାଇ ଏବଂ ଭଦୋଦରାଠାରେ ଅନୁଷ୍ଠିତ ହେଉଛି । ନଭି ମୁମ୍ବାଇଠାରେ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଶେଷ ହେବାପରେ ସମସ୍ତ ୫ଟି ଦଳ ଗୁଜୁରାଟର ବିସିଏ ଷ୍ଟାଡିୟମରେ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଖେଳିବେ । ଗୁଜୁରାଟ ଜାଏଣ୍ଟ୍‌ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।